**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ସହର ବେଢ଼ାସାହିର ଗୋପାଳ ନାୟକ (୨୨)। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଗୋପାଳ ଜଣେ ନାବାଳିକାଙ୍କ ସହ କଥା ହୋଇ ପ୍ରଲୋଭିତକରି ଜୟପୁର ସହର ପାରବେଢ଼ାକୁ ଆଣିଥିଲେ। ସେଠାରେ ଯୁବତୀଙ୍କୁ ବଳାତ୍କାରକରି ପୁଣି ଛାଡ଼ି ଦେଇଥିଲା । ଏ ନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ (୯୩/୨୪) ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରିଥିବା ମହିଳା ଥାନା ଅଧିକାରୀ ଅନୀତା କୁଜୁର ସୂଚନା ଦେଇଛନ୍ତି।

## ଯୁବତୀଙ୍କୁ ପ୍ରେମ ପ୍ରତାରଣା, ଅଭିଯୁକ୍ତ ଗିରଫ

ଜୟପୁର, ୧୩।୬ (ପବନ ପାଣିଗ୍ରାହୀ)

ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତୀ କରିଥିବା ନେଇ ଅଭିଯୋଗରେ ଜୟପୁର ମହିଳା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଛକୁଣ୍ଡ ଥାନା ଚାଲାଣପୁଟ ଗ୍ରାମର ସୁବାସ ସୁଆବି (୨୦) । ପୋଲିସ ସୂଚନା ଅନୁଯାୟୀ, ବୈପାରିଗୁଡ଼ା ଅଞ୍ଚଳର ଜଣେ ଯୁବତୀଙ୍କ ମାଛକୁଣ୍ଡ ଥାନା ଚାଲାଣପୁଟ ଅଞ୍ଚଳର ସୁବାସ ସୁଆବି (୨୦)ଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା । ପରେ ସୁବାସ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଥିବାବେଳେ ସୁବାସ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏ ନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. (୮୮/୨୪)ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସୁବାସଙ୍କ ଡାକ୍ତରୀ ମାଇନାକରି କୋର୍ଟଚାଲାଣ କରାଯାଇଥିବା ମହିଳା ଥାନା ଅଧିକାରୀ ଅନୀତା କୁଜୁର ସୂଚନା ଦେଇଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ

ବ୍ରହ୍ମପୁର, ୧୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଷ୍ଟେଶନରୁ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦୁଇଜଣ ଯୁବକଙ୍କୁ ଧରିଛି। ଜେରାବେଳେ ସେମାନେ ଧରିଥିବା ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ପାଇଛି। ପରେ ସମ୍ପୃକ୍ତ ଗଞ୍ଜେଇ ଚାଲାଣକାରୀଙ୍କୁ ସରକାରୀ ରେଳବାଇ ପୋଲିସ (ଜିଆରପି)କୁ ହସ୍ତାନ୍ତର କରାଯାଇଛି। ଜିଆରପି ଯାଞ୍ଚ କରିବାବେଳେ ସେମାନେ ଧରିଥିବା ଟ୍ରଲି ବ୍ୟାଗରୁ ୪୩ କେଜି ୯୯୫ ଗ୍ରାମ ଗଞ୍ଜେଇ ଜବତ କରିଛି। ଦୁଇ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ତେନ୍ତୁଳିଆବାଡ ସାହିର କୁନା ଜେନା(୨୯) ଓ ଶଙ୍କର ଜେନା(୨୧)। ସେମାନଙ୍କୁ ଜେରାବେଳେ ଉକ୍ତ ଗଞ୍ଜେଇ ସେମାନେ ଟ୍ରେନରେ ହାଇଦ୍ରାବାଦ ଚାଲାଣ କରିଥାନ୍ତେ ବୋଲି ପୋଲିସ ଜାଣିବାକୁ ପାଇଛି।

# ରାୟଗଡ଼ାରେ ସିବିଆଇର ତନାଘନା

### ପୋଷ୍ଟାଲ ଚାକିରି ପାଇଁ ଜାଲ ପ୍ରମାଣପତ୍ର

ରାୟଗଡା/ବିଷମ କଟକ, ୧୩।୬
(ଆଶିଷ ରଞ୍ଜନ ପଣ୍ଡା/ ପ୍ରସନ୍ନ କୁମାର ପଣ୍ଡା)

ଡାକ ବିଭାଗରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଦୁର୍ନୀତିର ଖୋଳତାଡ କରୁଛି ସିବିଆଇ। ଦିଲ୍ଲୀରୁ ଆସିଥିବା ସିବିଆଇ ଇନସ୍ପେକ୍ଟର ରାଣା ଶକ୍ତି ସିଂଙ୍କ ନେତୃତ୍ୱରେ ୬ ଜଣ କର୍ମଚାରୀ ଗୁରୁବାର ରାୟଗଡା ଜିଲାର ରାମନାଗୁଡ଼ା, ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକରେ ଥିବା ବିଭିନ୍ନ ଡାକ କାର୍ଯ୍ୟାଳୟକୁ ଯାଇ ଯାଞ୍ଚ କରିଥିବା ଜଣାପଡିଛି। ବିଶେଷ ଭାବେ ଯେଉଁ ଉପ ଡାକଘରେ କାର୍ଯ୍ୟରତ କର୍ମଚାରୀ ନକଲି ଦସ୍ତାବିଜ ଦେଇ ଚାକିରି କରିଛନ୍ତି ସେମାନଙ୍କ ବିଷୟରେ ଅଧିକା ଖୋଳତାଡ କରୁଛି। ସିବିଆଇ ଟିମ୍ ବୁଧବାରଠାରୁ ରାୟଗଡା ସହରସ୍ଥିତ ପ୍ରଦିକ୍ଷଣ ଗୃହରେ ରହି ବିଭିନ୍ନ ବ୍ଲକରେ ତଦନ୍ତ କରୁଛନ୍ତି। ସେମାନେ ଶୁକ୍ରବାର ପର୍ଯ୍ୟନ୍ତ ରହି ତଦନ୍ତ କରିବେ ବୋଲି ଜଣାପଡିଛି। ସବିଆଇ ଟିମ୍ ଗୁରୁବାର ବିଷମକଟକ ବ୍ଲକ ଘଣ୍ଟାଖିଲ ଗ୍ରାମକୁ ଯାଇ ରବି ହିଆଲଙ୍କୁ ଜେରା କରିଥିବା ଜଣାପଡିଛି। ସେ କେଉଁଠାରୁ ଏହି ନକଲି ସାର୍ଟିଫିକେଟ ପାଇଥିଲେ ଓ ର୍ୟାକେଟ୍‌ରେ କେଉଁମାନଙ୍କ ସମ୍ପୃକ୍ତି ଅଛି ସେ ନେଇ ଖୋଳତାଡ କରିଥିବା ସୂଚନା ମିଳିଛି। ଏହି ଘଟଣା ସମ୍ପର୍କରେ ରାୟଗଡାସ୍ଥିତ ଆଞ୍ଚଳିକ ଡାକ କାର୍ଯ୍ୟାଳୟ ଅତିରିକ୍ତ ଅଧିକ୍ଷକ ସିଏଚ ଜବାହର ରାଓଙ୍କୁ ପଚାରିବାରୁ ସିବିଆଇ ଟିମ ପକ୍ଷରୁ ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ଯୋଗାଯୋଗ କରାଯାଇ ନାହିଁ, କିମ୍ବା ତାଙ୍କ କାର୍ଯ୍ୟାଳୟକୁ ଆସିନାହାନ୍ତି ବୋଲି କହିଛନ୍ତି ।

ପ୍ରକାଶ ଥାଉକି, ରାୟଗଡା ଡାକ ମଣ୍ଡଳରେ ୬୮ଟି ଗ୍ରାମୀଣ ଡାକ ସେବକ ପଦବୀ ପୂରଣ ନିମନ୍ତେ ୨୦୨୩ରେ ଅନଲାଇନ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୩୪ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇଥିଲେ। ଆବେଦନକାରୀଙ୍କ ସମସ୍ତ ସାର୍ଟିଫିକେଟ ଯାଞ୍ଚ କରାଯାଇ ନିଯୁକ୍ତି ପ୍ରଦାନ କରାଯାଇଥିଲା। ପ୍ରଥମେ ୨୬ଜଣଙ୍କ ସାର୍ଟିଫିକେଟ ଭେରିଫିକେସନ ହୋଇସାରିଥିବାବେଳେ ବଳକା ୮ଜଣଙ୍କ ମଧ୍ୟରୁ ରବି ହିଆଲଙ୍କ ପ୍ରମାଣପତ୍ର ଯାଞ୍ଚ ସମୟରେ ସେ ଦେଇଥିବା ୨୦୧୧ ବର୍ଷର ୟୁପି ବୋର୍ଡ଼ ମାଟ୍ରିକ ସାର୍ଟିଫିକେଟ ଜାଲ୍ ଥିବା ସନ୍ଦେହ କରିଥିଲେ। ଡାକ ଉପ ଅଧିକ୍ଷକ ଡିଜି ଲକର ଓ ୟୁପି ବୋର୍ଡ଼ରେ ଖୋଳତାଡ଼ କରିବା ପରେ ତାହା ନକଲି ବୋଲି ଜଣାପଡିଥିଲା । ଏ ନେଇ ରାୟଗଡା ଡାକ ଉପଅଧିକ୍ଷକ ସି. ଏଚ. ଜବାହର ରାଓ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।


माध्यमिक शिक्षा परिषद्, उत्तर प्रदेश
Board of High School and Intermediate Education U.P.
1559264
हाईस्कूल परीक्षा-२०११
High School Examination-2011
(CERTIFICATE-CUM-MARKS SHEET)

| | | | | |
|---|---|---|---|---|
| 6962216 | 47/19625/1075 | REGULAR | FULL EXAM | 167877 |

RABI HIAL
BRUNDA HIAL
KALIAMANI HIAL
07TH AUGUST NINETEEN HUNDRED NINETY ONE (07/08/1991)
DR B R AMBEDKAR I C PREM NAGAR JHANSI

| | | | | |
|---|---|---|---|---|
| HINDI | 100 | 099 | A1 | PASSED |
| ENGLISH | 100 | 099 | A1 | |
| MATHEMATICS | 100 | 098 | A1 | |
| SCIENCE | 100 | 099 P/A | A1 | |
| SOCIAL SCIENCE | 100 | 099 | A1 | |
| ORIYA | 100 | 099 | A1 | |

10TH JUNE, 2011
Allahabad, Uttar Pradesh

ୟୁପି ବୋର୍ଡ ଜାଲ ମାଟ୍ରିକ ସାର୍ଟିଫିକେଟ।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର


ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ମାତୃଶକ୍ତି କେନ୍ଦ୍ରର ବରିଷ୍ଠ ନାଗରିକ ।

ରାୟଗଡା, ୧୩।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ମାତୃଶକ୍ତି ବରିଷ୍ଠ ନାଗରିକ ଗୃହରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭେଷଜ ବିଶେଷଜ୍ଞ ଡାକ୍ତର ଏ. ଗୌରୀଶଙ୍କର ରାଓ (ଗୌତମ) ଉପସ୍ଥିତ ରହି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ କିପରି କଫ, କାଶ, ଆଲର୍ଜି ଆଦି ଶ୍ୱାସ ରୋଗରୁ ରକ୍ଷାପାଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହ ଡାକ୍ତର ଏ. ଗୌରୀଶଙ୍କର ରାଓ ସେଠାରେ ରହୁଥିବା ବୃଦ୍ଧାବୃଦ୍ଧଙ୍କୁ ଚିକିତ୍ସା କରି ମେଡିସିନ ପ୍ରଦାନ କରିଛନ୍ତି । ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ଡାକ୍ତରଙ୍କୁ ପ୍ରଶଂସା କରିବା ସହ ଆଶୀର୍ବାଦ ଦେଇଥିଲେ।

## ଚଉଡ଼ା ହେବ କୋଭିଡ୍ ଡାକ୍ତରଖାନା ସମ୍ମୁଖ ରାସ୍ତା


ରାସ୍ତା ଚଉଡ଼ା ନେଇ ଯାଞ୍ଚ କରାଯାଉଛି।

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହର ମୁଖ୍ୟ ରାସ୍ତାର କୋଭିଡ୍ ହସ୍ପିଟାଲ କାନ୍ଥ ଭଙ୍ଗାଯାଇ ରାସ୍ତା ଚଉଡ଼ା କରାଯିବ। ଏନେଇ ଗୁରୁବାର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜଗଧାତ୍ରୀପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଅରୁଣ ପାଢୀ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ କୋଭିଡ୍ ହସ୍ପିଟାଲକୁ ଯାଇ ସମୀକ୍ଷା କରିଛନ୍ତି। ଟ୍ରାଫିକ ସମସ୍ୟା ଦୂର କରିବା ପାଇ ଏହି ପଦକ୍ଷେପ ନିଆଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି। କାନ୍ଥ କଡ଼ରେ ଥିବା ଷ୍ଟଲକୁ ପଛକୁ ନିଆ ଯିବ। କାନ୍ଥକୁ ଭଙ୍ଗା ଯାଇ ୧୩ରୁ ୧୫ ଫୁଟ ପଛକୁ ନିଆଯାଇ ରାସ୍ତା ଚଉଡ଼ା ହେବ ବୋଲି କୁହାଯାଇଛି। ୧୨ ଲକ୍ଷ ୯୧ ହଜାର ଟଙ୍କାର ଟେଣ୍ଡର କରାଯାଇଛି । ଶୁକ୍ରବାରରୁ କାଯ୍ୟ ଆରମ୍ଭ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ଏବେ ବି ଗୁଣିଗାରେଡ଼ି ଉପରେ ଲୋକଙ୍କ ବିଶ୍ୱାସ


ଡାକ୍ତରୀ ଟିମ୍ ମୁନୁଷପଦର ଗ୍ରାମରେ ଲୋକଙ୍କୁ ସଚେତନ କରୁଛନ୍ତି।

### କାଶୀପୁରରେ ସୁଧୁରୁନି ସ୍ୱାସ୍ଥ୍ୟସେବା

ରାୟଗଡା, ୧୩।୬ (ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲାରେ ସୁଧୁରୁନି ସ୍ୱାସ୍ଥ୍ୟସେବା। ଜିଲା ଗଠନ ହେବାର ୩୨ ବର୍ଷ ବିତିଯାଇଥିଲେ ମଧ ଆଜି ବି ଲୋକେ ଚିକିତ୍ସାଠାରୁ ଦୂରରେ ରହି ପୂଜାପାଠ ଓ ଗୁଣି ଗାରେଡି ଉପରେ ବିଶ୍ୱାସ ରଖିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉ ନ ଥିବାରୁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଆଜି ପର୍ଯ୍ୟନ୍ତ ଦୂର ହୋଇପାରି ନ ଥିବା ଆଲୋଚନା ହେଉଛି। ଫଳରେ ଗ୍ରାମାଞ୍ଚଳରେ ଲୋକେ ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ସୂଚନା ମିଳୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡା ଜିଲାର କାଶୀପୁର ବ୍ଲକରେ। ବ୍ଲକ୍‌ର ଡଙ୍ଗାସିଲ ପଞ୍ଚାୟତ ମୁନୁଷପଦର ଗ୍ରାମରେ ସପ୍ତାହକ ମଧ୍ୟରେ ଅଜଣା ରୋଗରେ ୫ ଶିଶୁଙ୍କ ମୃତ୍ୟୁ ଘଟିଲାଣି। ଅଜଣା ରୋଗରେ ପୂର୍ବରୁ କାଳି ମାଝି, ଦାଶି ମାଝି (୧୨), ନରେନ୍ଦ୍ର ମାଝି (୬) ଓ ପୂର୍ଣ୍ଣ ମାଝି (୯) ମୃତ୍ୟୁବରଣ କରିଥିବା ବେଳେ ଗୁରୁବାର ପଳାସି ମାଝୀଙ୍କ ମୃତ୍ୟୁ ଘଟିଛି। ତେବେ ଅର୍ଥାଭାବରୁ ଆକ୍ରାନ୍ତଙ୍କୁ ନେଇ ପରିବାର ଲୋକ ମେଡିକାଲ ଆସୁ ନ ଥିବା ଜଣାପଡିଛି। ଗ୍ରାମରେ ରୋଗ ବ୍ୟାପିବା ପରେ ଲୋକେ ଡାକ୍ତରୀ ଚିକିତ୍ସା ବଦଳରେ ଗୁଣିଆ ପାଖରେ ଦେଶୀ ଚେର ସେବନ ସହିତ ଝଡାଫୁଙ୍କା କରିଥିଲେ । ବୁଧବାର ରାୟଗଡାରୁ ଡାକ୍ତରୀ ଟିମ୍ ଯିବା ପରେ ଚିକିତ୍ସା ଆରମ୍ଭ ହୋଇଛି। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଗୁରୁତର ସହ ଧ୍ୟାନ ଦେଇ କାଶୀପୁର ବ୍ଲକରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ବିଶେଷଜ୍ଞ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହୋଇଛି।

## ଦେଶୀମଦ ଚାଲାଣବେଳେ ଚଢ଼ାଉ, ୩ ଗିରଫ

ଜୟପୁର, ୧୩।୬ (ପବନ ପାଣିଗ୍ରାହୀ)

ଦେଶୀମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢ଼ାଉ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଡ଼ପଦର ଗ୍ରାମର ଗୋପାଳ ପୂଜାରୀ ଓ ହାତୀଶାଳର ଭଗବତୀ ଖରା। ଜୟପୁର ଅବକାରୀ ଥାନା ସୂଚନାନୁଯାୟୀ, ଦେଶୀମଦ ଚାଲାଣ ସୂଚନା ପାଇ ହାତୀଶାଳ ରାସ୍ତାରେ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଲିଟର ଦେଶୀମଦ ଜବତ କରାଯାଇଥିଲା। ସେହିଭଳି ଗଡ଼ପଦର ଗ୍ରାମ ରାସ୍ତାରେ ଚଢ଼ାଉ କରି ସେଠାରୁ ମଧ ୮ ଲିଟର ଦେଶୀମଦ ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଦେଶୀମଦ ଚାଲାଣବେଳେ ଚଢ଼ାଉ କରାଯାଇ ଜୟନଗରର ଜଗଦୀଶ ଗାଦବା (୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରେଳ ଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, ୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ସରକାର ରେଳବାଇ ପୋଲିସ (ଜିଆରପି) ଗୁରୁବାର ସନ୍ଧ୍ୟାରେ ଗୋଲନ୍ଥରା ଦେଇ ଯାଇଥିବା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନଥିବାବେଳେ ତାଙ୍କ ବୟସ ଆନୁମାନିକ ୪୦ ହେବ। ପୋଲିସ ଏ ସଂକ୍ରାନ୍ତରେ ୪୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଏମକେସିଜି ସଂରକ୍ଷଣ ଗୃହରେ ରଖାଯାଇଛି।ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ରେଳଧାରଣା ପାର ହେଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

# ଅମଲା ସଂଘ ସମସ୍ୟା ନେଇ ଆଲୋଚନା

### ନବନିର୍ବାଚିତ ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

ଓଡ଼ିଶାର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନଙ୍କୁ ଓଡ଼ିଶା ଅମଲା ସଂଘ ଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ଶଶିଭୂଷଣ ଦାଶ, କୋରାପୁଟ ଜିଲା ଶାଖା ଆହ୍ୱାନକ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଯୋଗଦେଇଥିଲେ। ଏହାପରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ନିଷ୍ପେଷିତ, ଅବହେଳିତ, ଅସହାୟ, ନିର୍ଯାତିତ ହେବା ସହ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀଙ୍କ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକର ଆଲୋଚନା ହୋଇଥିଲା। ଏଥିରେ ଶଶିଭୂଷଣ ଦାଶ, ମହେଶ୍ୱର ମିଶ୍ର ସମ୍ପାଦକ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା, ସଞ୍ଜୟ ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା, କେ.ସୁବାସ ଚନ୍ଦ୍ର ଆଚାରୀ ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# କୋରାପୁଟ ଖେଳାଳିଙ୍କୁ ୨୯ ପଦକ

### ରାଜ୍ୟସ୍ତରୀୟ କମ୍ୱାଟ ଟାଏକୋଣ୍ଡୋ ପ୍ରତିଯୋଗିତା

କୋରାପୁଟ, ୧୩।୬(ଅମିତାଭ ବେହେରା)

କଟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କମ୍ୱାଟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କୋରାପୁଟ ଜିଲାର ଖେଳାଳିଙ୍କୁ ୨୯ଟି ପଦକ ମିଳିଛି। ଏହି ପ୍ରତିଯୋଗିତାରେ କୋରାପୁଟର ୧୩ ଜଣ ଅଂଶଗ୍ରହଣ କରିଥିବାବେଳେ ୧୩ଟି ସ୍ୱର୍ଣ୍ଣ ପଦକ, ୬ଟି ରୌପ୍ୟ ପଦକ ଏବଂ ୧୦ଟି ବ୍ରୋଞ୍ଜ ପଦକ ପାଇଛନ୍ତି। କୋରାପୁଟ ଜିଲାର ଖେଳାଳିମାନେ ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଥିବାରୁ ବୁଧବାର କୋରାପୁଟ ପ୍ରେସ୍ କ୍ଲବ ପକ୍ଷରୁ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଛି।

ରାଜ୍ୟସ୍ତରୀୟ କମ୍ୱାଟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ପ୍ରାୟ ୬୦୦ ଖେଳାଳି ଭାଗନେଇଥିଲେ। ମହାବୀର ଟାଏକୋଣ୍ଡୋ ଅନୁଷ୍ଠାନର କୋଚ ରଞ୍ଜିତ କୁମାର ପାଣିଙ୍କ ନେତୃତ୍ୱରେ କୋରାପୁଟରୁ ୧୩ ଜଣ ପ୍ରତିଯୋଗୀ ଭାଗନେଇ ସଫଳ ପ୍ରଦର୍ଶନ କରିଛନ୍ତି। ଏଥିସହ ସ୍ୱର୍ଣ୍ଣ ପଦକ ହାସଲକରି ଜାତୀୟସ୍ତରରେ ଭାଗନେବା ପାଇଁ ମନୋନୀତ ହୋଇଥିବା ଟିମ୍‌ର କୋଚ୍ ପାଣି ସୂଚନା ଦେଇଛନ୍ତି । ପୂର୍ବରୁ ମଧ ଏହି ଟିମ୍ ତାମିଲନାଡୁ ଯାଇ ସଫଳତା ହାସଲ କରିଥିଲା ବୋଲି ସେ ପ୍ରକାଶ କରିଛନ୍ତି। କୋରାପୁଟ କମ୍ୱାଟ ଟାଏକୋଣ୍ଡୋ ଟିମ୍ ଆଗକୁ ମଧ ଜାତୀୟସ୍ତରରେ ଉନ୍ନତ ଖେଳ ପ୍ରଦର୍ଶନକରି କୋରାପୁଟର ଟେକ ରଖିବ ବୋଲି ସେ ଆଶାପୋଷଣ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ଶରତ କୁମାର ଦଳେଇଙ୍କ ସମେତ କମ୍ୱାଟ ଟାଏକୋଣ୍ଡୋ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।


କୋରାପୁଟ ଜିଲାର ପଦକ ବିଜେତା ଖେଳାଳିମାନେ।

# ବିଭିନ୍ନ ବିଭାଗକୁ ପ୍ରଶାସନର ଦାୟିତ୍ୱ ବଣ୍ଟନ

### ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଳନ ନେଇ ପ୍ରସ୍ତୁତି

ରାୟଗଡ଼ା, ୧୩।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଳନ ଉପଲକ୍ଷେ ଅତିରିକ୍ତ ଜିଲାପାଳ ଭାସ୍କର ରୟତଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୭ରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ଓ ବାହୁଡ଼ାଯାତ୍ରାକୁ ପୂର୍ବବର୍ଷ ପରି ମହାସମାରୋହରେ ଓ ସୁରୁଖୁରୁରେ ଆୟୋଜନ କରାଯିବା ପାଇଁ ସମସ୍ତଙ୍କୁ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ରୟତ ଅନୁରୋଧ କରିଥିଲେ। ଏହାପରେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଗତ ବର୍ଷର ଆୟବ୍ୟୟ ତଥ୍ୟ ସର୍ବସମ୍ମୁଖରେ ଉପସ୍ଥାପନ କରିଥିଲେ। ବୈଠକରେ ଚଳିତବର୍ଷ ନିମନ୍ତେ ପାଣ୍ଠିର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ଏହାପରେ ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ ସମ୍ପାଦନ ଉପରେ ଆଲୋଚନା କରାଯାଇଥିଲା।


ରଥଯାତ୍ରା ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟମାନେ।

ଏମ୍‌ଆଇ ଡିଭିଜନ ତରଫରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ରଥରେ ରଙ୍ଗ କରାଯିବ, ପୂର୍ତ୍ତ ବିଭାଗ ପକ୍ଷରୁ ରଥ ନିର୍ମାଣ ଓ ଫିଟ୍‌ନେସ୍ ସାର୍ଟିଫିକେଟ ଦିଆଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ମନ୍ଦିର ଭିତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଓ ବାହାରେ ପୂର୍ତ୍ତ ବିଭାଗ ମିଳିତ ଭାବରେ ମରାମତି ଓ ରଙ୍ଗ କାର୍ଯ୍ୟ କରିବେ। ସେହିପରି ପୌର ପରିଷଦ ତରଫରୁ ପରିମଳ ବ୍ୟବସ୍ଥା କରାଯିବ। ଜିଲା ପୋଲିସ ବିଭାଗ ପକ୍ଷରୁ ଟ୍ରାଫିକ, ଗାଡ଼ି ପାର୍କିଂ ଏବଂ ଆଇନ ଶୃଙ୍ଖଳା ରକ୍ଷା କରାଯିବ। ଅବକାରୀ ବିଭାଗ ପକ୍ଷରୁ ରଥଯାତ୍ରାଠାରୁ ୧୫ ଦିନ ପର୍ଯ୍ୟନ୍ତ ବଡ଼ଦାଣ୍ଡ ଓ ସାରଳା ଛକରେ ଖୋଲାଯାଇଥିବା ମଦ ଦୋକାନ ବନ୍ଦ କରିବା ପାଇଁ ବୈଠକରେ ଦାବି ଉଠିଥିଲା। ରଥଯାତ୍ରାର ଧାରା ବିବରଣୀ ପ୍ରସାର ଓ ପ୍ରଚାର ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗକୁ କୁହାଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଓ ଆମ୍ବୁଲାନ୍ସ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ ପିଇବା ପାଣି ବ୍ୟବସ୍ଥା ପାଇଁ ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଚଳିତ ରଥଯାତ୍ରାରେ ଅଧିକ ସାଜସଜ୍ଜା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆକର୍ଷଣୀୟ କରିବାକୁ ସଦସ୍ୟମାନେ ବୈଠକରେ ଦାବି କରିଥିଲେ । ରଥଯାତ୍ରା ସମୟରେ ସ୍ୱାଦିଷ୍ଟ ଭୋଗ ପ୍ରସ୍ତୁତ କରାଯାଇ ଭକ୍ତମାନଙ୍କୁ ବିକ୍ରୟ କରିବାକୁ ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀଙ୍କୁ ଉପସ୍ଥିତ ସଦସ୍ୟମାନେ ଅନୁରୋଧ କରିଥିଲେ।

ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଏମ୍‌ପି ପ୍ରତିନିଧି ତଥା ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜପୁରୋହିତ ବିରଞ୍ଚି ନାରାୟଣ ଦାଶ, ସୁନୀଲ ଚନ୍ଦ୍ର ପଣ୍ଡା, ବଚନିକା ସେବାୟତ ରଞ୍ଜନ ରଥ, ସତ୍ୟବାଦୀ ପତି, ସୁଜିତ ପଣ୍ଡା, ଅନ୍ୟାନ୍ୟ ସେବାୟତ ଓ ସଦସ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ତହସିଲଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ସହର ବେଢ଼ାସାହିର ଗୋପାଳ ନାୟକ (୨୨)। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଗୋପାଳ ଜଣେ ନାବାଳିକାଙ୍କ ସହ କଥା ହୋଇ ପ୍ରଲୋଭିତକରି ଜୟପୁର ସହର ପାରବେଢ଼ାକୁ ଆଣିଥିଲେ। ସେଠାରେ ଯୁବତୀଙ୍କୁ ବଳାତ୍କାରକରି ପୁଣି ଛାଡ଼ି ଦେଇଥିଲା । ଏ ନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ (୯୩/୨୪) ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରିଥିବା ମହିଳା ଥାନା ଅଧିକାରୀ ଅନୀତା କୁଜୁର ସୂଚନା ଦେଇଛନ୍ତି।

### ଯୁବତୀଙ୍କୁ ପ୍ରେମ ପ୍ରତାରଣା, ଅଭିଯୁକ୍ତ ଗିରଫ

ଜୟପୁର, ୧୩।୬ (ପବନ ପାଣିଗ୍ରାହୀ)

ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗର୍ଭବତୀ କରିଥିବା ନେଇ ଅଭିଯୋଗରେ ଜୟପୁର ମହିଳା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଛକୁଣ୍ଡ ଥାନା ଚାଲାଣପୁଟ ଗ୍ରାମର ସୁବାସ ସୁଆବି (୨୦) । ପୋଲିସ ସୂଚନା ଅନୁଯାୟୀ, ବୈପାରିଗୁଡ଼ା ଅଞ୍ଚଳର ଜଣେ ଯୁବତୀଙ୍କ ମାଛକୁଣ୍ଡ ଥାନା ଚାଲାଣପୁଟ ଅଞ୍ଚଳର ସୁବାସ ସୁଆବି (୨୦)ଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା । ପରେ ସୁବାସ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଏବେ ୮ ମାସର ଗର୍ଭବତୀ ଥିବାବେଳେ ସୁବାସ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଏ ନେଇ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. (୮୮/୨୪)ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ସୁବାସଙ୍କ ଡାକ୍ତରୀ ମାଇନାକରି କୋର୍ଟଚାଲାଣ କରାଯାଇଥିବା ମହିଳା ଥାନା ଅଧିକାରୀ ଅନୀତା କୁଜୁର ସୂଚନା ଦେଇଛନ୍ତି।

### ଗଞ୍ଜେଇ ଜବତ, ୨ ଗିରଫ

ବ୍ରହ୍ମପୁର, ୧୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଷ୍ଟେଶନରୁ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦୁଇଜଣ ଯୁବକଙ୍କୁ ଧରିଛି। ଜେରାବେଳେ ସେମାନେ ଧରିଥିବା ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ପାଇଛି। ପରେ ସମ୍ପୃକ୍ତ ଗଞ୍ଜେଇ ଚାଲାଣକାରୀଙ୍କୁ ସରକାରୀ ରେଳବାଇ ପୋଲିସ (ଜିଆରପି)କୁ ହସ୍ତାନ୍ତର କରାଯାଇଛି। ଜିଆରପି ଯାଞ୍ଚ କରିବାବେଳେ ସେମାନେ ଧରିଥିବା ଟ୍ରଲି ବ୍ୟାଗରୁ ୪୩ କେଜି ୯୯୫ ଗ୍ରାମ ଗଞ୍ଜେଇ ଜବତ କରିଛି। ଦୁଇ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ପୋଲସରା ତେନ୍ତୁଳିଆବାଡ ସାହିର କୁନା ଜେନା(୨୯) ଓ ଶଙ୍କର ଜେନା(୨୧)। ସେମାନଙ୍କୁ ଜେରାବେଳେ ଉକ୍ତ ଗଞ୍ଜେଇ ସେମାନେ ଟ୍ରେନରେ ହାଇଦ୍ରାବାଦ ଚାଲାଣ କରିଥାନ୍ତେ ବୋଲି ପୋଲିସ ଜାଣିବାକୁ ପାଇଛି। ନଂ. ୪୩/୨୪ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

# ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁଧାର ଲକ୍ଷ୍ୟ

### ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତାଲିମ ଶିବିର

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଏମ୍.ଏସ୍.ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଗୋଷ୍ଠୀ ନେତୃତ୍ୱ ପ୍ରକଳ୍ପ ପକ୍ଷରୁ ଦଶମନ୍ତପୁର ବ୍ଲକ୍ ଅଧୀନରେ ଥିବା ବରଗଛ ଉପକେନ୍ଦ୍ରରେ ଏକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତାଲିମ ଶିବିର କରାଯାଇଛି। ଏମ୍.ଏସ୍ .ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମୁଖ୍ୟ ପ୍ରକଳ୍ପ ପରିଚାଳକ ଡ. ଅସିତ ମାନସିଂହ, ଜିଲା ପ୍ରକଳ୍ପ ସଂଯୋଜକ ଯଶମୀନ୍ ମହାନ୍ତି, ଡ. ଗୋପୀ ଗିର୍ଜନଙ୍କ ନେତୃତ୍ୱରେ ଏହି ଶିବିର କରାଯାଇଛି। ଏଥିରେ ଦଶମନ୍ତପୁର ବ୍ଲକର ବରଗଛ ଉପକେନ୍ଦ୍ର ଅଧୀନରେ ଥିବା ୧୩ ଗ୍ରାମରୁ ୩୨ ଜଣ ଗୋଷ୍ଠୀ ଚାମ୍ପିୟନ– ଗାଗଡ଼ ସାଥୀ, ଆଶା ଏବଂ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରକରିବାକୁ ଏମ୍‌ଏସ୍



ତାଲିମ ଶିବିରରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏହି ପ୍ରକଳ୍ପଟି ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ମାତୃ, ନବଜାତ ଶିଶୁ, ପୋଷଣ ଏବଂ ଜଳ ପରିମଳ ଓ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଜନ ସଚେତନତା ସୃଷ୍ଟିଦିଗରେ ଗୋଷ୍ଠୀ ଚାମ୍ପିୟନ –ଗାଗଡ଼ ସାଥୀଙ୍କ ଭୂମିକା ସେମାନଙ୍କ ଗ୍ରାମରେ ଗୁରୁତ୍ୱପୂର୍ଣ୍ଣ। ଗାଗଡ଼ ସାଥୀ, ଆଶା ଏବଂ ଅଙ୍ଗନୱାଡି କର୍ମୀ ଗର୍ଭବତୀ ଓ ଶିଶୁର ଯତ୍ନ ଉପରେ ସଚେତନତା କରାଇବା, ପୌଷ୍ଟିକ ଖାଦ୍ୟ, ନିରାପଦ ଜଳ ଏବଂ ପରିମଳ ସମ୍ପର୍କରେ ବୈଷୟିକ ବିଶେଷଜ୍ଞ ଡ. ମାୟା ମାକାରାନ୍ସ ପ୍ରାଞ୍ଜଳ ତାଲିମ ଦେଇଥିଲେ। ଏହି ତାଲିମ ପରେ ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା ଦିଗରେ ସକାରାତ୍ମକ ଏବଂ ସ୍ଥାୟୀ ପରିବର୍ତ୍ତନ ଆଣିବ ବୋଲି ଏମ୍‌ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ପ୍ରଶାନ୍ତ ପରିଡ଼ା ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ଦଶମନ୍ତପୁର ବ୍ଲକ ସଂଯୋଜକ କୃତ୍ତିବାସ ରାଉତ ପରିଚାଳନା କରିଥିଲେ। ପ୍ରକଳ୍ପ ସହାୟକ ନିରଜ ବେନିଆ ଏବଂ କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।

# ସଫା କରିବା ପ୍ରତିଶ୍ରୁତି ଦେଇ ଭୁଲିଗଲା ପ୍ରଶାସନ

### ଆବର୍ଜନା ମଧ୍ୟରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ

ସୁନାବେଡ଼ା/ସେମିଳିଗୁଡା, ୧୩।୬
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦ ପକ୍ଷରୁ ସେମିଳିଗୁଡ଼ା ଓସିସି ନଗର ଛକଠାରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କିଛିଦିନ ତଳେ ଲଗାଯାଇଛି। ପଥଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଯେପରି ଥଣ୍ଡା ବିଶୁଦ୍ଧ ପିଇବା ପାଣି ପାଇପାରିବେ ଏହା ହେଉଛି ଲକ୍ଷ୍ୟ। ହେଲେ ଏହି ଷ୍ଟାଣ୍ଡପୋଷ୍ଟଟି ଏକ ଅସ୍ୱାସ୍ଥ୍ୟକର ସ୍ଥାନରେ ବସାଯାଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ 'ଅଳିଆ ଆବର୍ଜନା ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ' ଶୀର୍ଷକ ଏକ ଖବର ଗତ ୨୯ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ସେତେବେଳେ ସୁନାବେଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକ କହିଥିଲେ, ସେହି ସ୍ଥାନରେ ଆନୁଷଙ୍ଗିକ ବ୍ୟବସ୍ଥା ଯେପରି ଲାଇନ ଓ ପାଣିର ସୁବିଧା ରହିଥିବାରୁ ଉକ୍ତ ସ୍ଥାନରେ ତାହା ବସାଯାଇଛି। ଏଥିସହ ଶୀଘ୍ର ହିଁ ସେଠାରେ ଥିବା ଅଳିଆ ଆବର୍ଜନାକୁ ସଫା କରାଯିବା ଓ ଜନସାଧାରଣଙ୍କୁ ସେହି ସ୍ଥାନରେ ଅଳିଆ ନ ପକାବାକୁ



ସଚେତନ କରାଯିବ ବୋଲି କହିଥିଲେ। ହେଲେ ପ୍ରତିଶ୍ରୁତି କଥାରେ ହିଁ ରହିଗଲା। ସେହି ପୋଷ୍ଟ ଚାରିପଟେ ଦିନକୁ ଦିନ ଅଳିଆ ଆବର୍ଜନାର ପାହାଡ଼ ହେବାକୁ ବସିଲାଣି। ତଥାପି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

# ଶାବର ଶ୍ରୀକ୍ଷେତ୍ରରେ ୩ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ

କୋରାପୁଟ, ୧୩।୬(ଅମିତାଭ ବେହେରା)

କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ୩ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ସ୍ଥାନୀୟ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ୩ରଥ ନିମନ୍ତେ କାଠ, ଚକ, ଅଖ ପହଞ୍ଚିବା ପରେ ମନ୍ଦିରରୁ ବାଜା, ଘଣ୍ଟଘଣ୍ଟି, ସଂକୀର୍ତ୍ତନ ଦଳ ଦ୍ୱାରା ୩ଟି ଆଜ୍ଞାମାଳ ରଥ ନିର୍ମାଣସ୍ଥଳକୁ ଆସିଥିଲା । ପ୍ରଥମେ ବଳଭଦ୍ର ତା'ପରେ ସୁଭଦ୍ରା ଏବଂ ଶେଷରେ ଜଗନ୍ନାଥଙ୍କ ରଥର ରୀତିନୀତ ଅନୁସାରେ ମନ୍ଦିର ପୂଜକ ରଘୁନାଥ ଶତପଥୀଙ୍କ ତତ୍ତ୍ୱାବଧାନରେ ନୃସିଂହ ଷଡ଼ଙ୍ଗୀ, ସନ୍ତୋଷ ଦାସଙ୍କ ଦ୍ୱାରା ହୋମ ଓ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରଥର ମୁଖ୍ୟ ମହାରଣା ବିଶ୍ୱନାଥ ମହାରଣାଙ୍କ ସହ ତାଙ୍କ ସହଯୋଗୀ ସନ୍ନ୍ୟାସୀ ମାଝିଙ୍କ ଦ୍ୱାରା ରଥର ଆନୁଷ୍ଠାନିକ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ।



ସୂଚନା ଥାଉକି, ଗତ ଅକ୍ଷୟ ତୃତୀୟା ଅବସରରେ ରଥ ନିର୍ମାଣ ନିମନ୍ତେ ୩ଟି କାଠକୁ ପୂଜାର୍ଚ୍ଚନା କରାଯାଇ ଅନୁକୂଳ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପରିଚାଳନା କମିଟି ଲଲାଟେନ୍ଦୁ ଦେଓ କର୍ତ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ଭବାନୀ ଶଙ୍କର ଆଚାର୍ଯ୍ୟ, ଅରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ରଥ କାର୍ଯ୍ୟ ଆରମ୍ଭରେ ସହଯୋଗ କରିଥିଲେ । ମହାପ୍ରଭୁଙ୍କ କୃପାରୁ ଚଳିତ ବର୍ଷ ରଥଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ମନ୍ଦିର ପରିଚାଳନା କମିଟି ଉପସ୍ଥିତ ସଦସ୍ୟ ଓ ମନ୍ଦିରର ପୂଜକମାନେ ଆଶାବ୍ୟକ୍ତ କରିଛନ୍ତି।

## ଦେଶୀମଦ ଚାଲାଣବେଳେ ଚଢ଼ାଉ, ୩ ଗିରଫ

ଜୟପୁର, ୧୩।୬ (ପବନ ପାଣିଗ୍ରାହୀ)

ଦେଶୀମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢ଼ାଉ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଡ଼ପଦର ଗ୍ରାମର ଗୋପାଳ ପୂଜାରୀ ଓ ହାତୀଶାଳର ଭଗବତୀ ଖରା। ଜୟପୁର ଅବକାରୀ ଥାନା ସୂଚନାନୁଯାୟୀ, ଦେଶୀମଦ ଚାଲାଣ ସୂଚନା ପାଇ ହାତୀଶାଳ ରାସ୍ତାରେ ଚଢ଼ାଉ କରାଯାଇଥିଲା। ସେଠାରୁ ୮ ଲିଟର ଦେଶୀମଦ ଜବତ କରାଯାଇଥିଲା। ସେହିଭଳି ଗଡ଼ପଦର ଗ୍ରାମ ରାସ୍ତାରେ ଚଢ଼ାଉ କରି ସେଠାରୁ ମଧ୍ୟ ୮ ଲିଟର ଦେଶୀମଦ ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

ସେହିଭଳି ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଦେଶୀମଦ ଚାଲାଣବେଳେ ଚଢ଼ାଉ କରାଯାଇ ଜୟନଗରର ଜଗଦୀଶ ଗାଦବା (୨୪)ଙ୍କୁ ଗିରଫ କରାଯାଇଛି। ଦେଶୀମଦ ଚାଲାଣ ଖବରପାଇ ଜୟପୁର ସହର ଜୟନଗର ସାହି ରାସ୍ତାରେ ଅବକାରୀ ବିଭାଗ ଚଢ଼ାଉ କରି ୯ ଲିଟର ଦେଶୀମଦ ଜବତ ସହ ଅଭିଯୁକ୍ତ ଜଗଦୀଶଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି ।

# ଚଉଡ଼ା ହେବ କୋଭିଡ୍ ଡାକ୍ତରଖାନା ସମ୍ମୁଖ ରାସ୍ତା


ରାସ୍ତା ଚଉଡ଼ା ନେଇ ଯାଞ୍ଚ କରାଯାଉଛି।

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହର ମୁଖ୍ୟ ରାସ୍ତାର କୋଭିଡ୍ ହସ୍ପିଟାଲ କାନ୍ଥ ଭଙ୍ଗାଯାଇ ରାସ୍ତା ଚଉଡ଼ା କରାଯିବ। ଏନେଇ ଗୁରୁବାର ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜଗଧାତ୍ରୀପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଅରୁଣ ପାଢୀ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ କୋଭିଡ୍ ହସ୍ପିଟାଲକୁ ଯାଇ ସମୀକ୍ଷା କରିଛନ୍ତି। ଟ୍ରାଫିକ ସମସ୍ୟା ଦୂର କରିବା ପାଇ ଏହି ପଦକ୍ଷେପ ନିଆଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି। କାନ୍ଥ କଡ଼ରେ ଥିବା ଷ୍ଟଲକୁ ପଛକୁ ନିଆ ଯିବ। କାନ୍ଥକୁ ଭଙ୍ଗା ଯାଇ ୧୩ରୁ ୧୫ ଫୁଟ ପଛକୁ ନିଆଯାଇ ରାସ୍ତା ଚଉଡ଼ା ହେବ ବୋଲି କୁହାଯାଇଛି। ୧୨ ଲକ୍ଷ ୯୧ ହଜାର ଟଙ୍କାର ଟେଣ୍ଡର କରାଯାଇଛି । ଶୁକ୍ରବାରରୁ କାଯ୍ୟ ଆରମ୍ଭ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# କେନ୍ଦ୍ରୀୟ ଟିମ୍‌ର ମିଲେଟ ପ୍ରୋସେସିଂ ସେଣ୍ଟର ପରିଦର୍ଶନ

ସୁନାବେଡ଼ା, ୧୩।୬(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାର ବିଭିନ୍ନ ବ୍ଲକ୍‌ରେ ପ୍ରାୟ ୩୩ ରକମର ମାଣ୍ଡିଆ ଚାଷ ହେଉଛି। ଏହାକୁ ଜିଲାର ୪ ବ୍ଲକ୍‌ରେ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଫେଡେରେଶନ (ଜିପିଏଲ୍‌ଏଫ୍) ମାଧ୍ୟମରେ ମିଲେଟ ପ୍ରୋସେସିଂ ସେଣ୍ଟର ଖୋଲାଯାଇଛି। ସେଗୁଡିକୁ ଏସ୍‌ଏଚ୍‌ଜି ମହିଳା ପରିଚାଳନା କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ସେମିଳିଗୁଡ଼ା ବ୍ଲକ୍‌ର ରାଜପୁଟ ପଞ୍ଚାୟତର ସଦର ଗାଁରେ ମଧ୍ୟ ଏକ ପ୍ରୋସେସିଂ ସେଣ୍ଟର ଖୋଲାଯାଇଛି। ଏହି ପ୍ରୋସେସିଂ ସେଣ୍ଟରକୁ କେନ୍ଦ୍ରୀୟ ଟିମ୍ ପରିଦର୍ଶନରେ ଆସିଥିଲେ। ସେମାନେ



ଜିଲାପାଳ ଓ କେନ୍ଦ୍ରୀୟ ଟିମ୍ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ତିଆରି ଦେଖୁଛନ୍ତି ।

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ପ୍ରୋସେସିଂ ସେଣ୍ଟରର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଡାଇରେକ୍ଟର ସିଭିଲ ଆଭିଏସନ ସାନଖେସ ମେହେଟ୍ଟା ଓ ଡେପୁଟି ସେକ୍ରେଟାରି ମିନିଷ୍ଟ୍ରି ଅଫ୍ ଇନଫର୍ମେଶନ ଆଣ୍ଡ ବ୍ରଡ୍‌କାଷ୍ଟିଂ ପ୍ରେମ ଚାନ୍ଦ, କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନା ଥାଉ କି ଏହି ପ୍ରୋସେସିଂ ସେଣ୍ଟରରେ ଜିପିଏଲ୍‌ଏଫ୍ ଦ୍ୱାରା ପରିଚାଳିତ ଅରୁନ୍ଧତୀ ଓ ମା' ଭୈରବୀ ଏସ୍‌ଏଚ୍‌ଜି ସଦସ୍ୟାମାନେ ପରିଚାଳନା କରୁଛନ୍ତି। ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅର୍ଡର ମୁତାବକ ମାସକୁ ପ୍ରାୟ ୩୬ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମାଣ୍ଡିଆ ତିଆରି ଉପମା, ଖେଚିଡ଼ି, ସୁଇଟ୍ସ ଓ କୁକିସ୍ ଯୋଗାଉଛନ୍ତି।

# ରେଳ ଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, ୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ସରକାର ରେଳବାଇ ପୋଲିସ (ଜିଆରପି) ଗୁରୁବାର ସନ୍ଧ୍ୟାରେ ଗୋଲନ୍ଥରା ଦେଇ ଯାଇଥିବା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିନଥିବାବେଳେ ତାଙ୍କ ବୟସ ଆନୁମାନିକ ୪୦ ହେବ। ପୋଲିସ ଏ ସଂକ୍ରାନ୍ତରେ ୪୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଏମକେସିଜି ସଂରକ୍ଷଣ ଗୃହରେ ରଖାଯାଇଛି।ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ରେଳଧାରଣା ପାର ହେଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

# ଅମଲା ସଂଘ ସମସ୍ୟା ନେଇ ଆଲୋଚନା

ଜୟପୁର, ୧୩।୬(ପବନ ପାଣିଗ୍ରାହୀ)

### ନବନିର୍ବାଚିତ ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା

ଓଡ଼ିଶାର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନଙ୍କୁ ଓଡ଼ିଶା ଅମଲା ସଂଘ ଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ଶଶିଭୂଷଣ ଦାଶ, କୋରାପୁଟ ଜିଲା ଶାଖା ଆହ୍ୱାନକ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଯୋଗଦେଇଥିଲେ। ଏହାପରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱଳ୍ପ ବେତନଭୋଗୀ କର୍ମଚାରୀ ନିଷ୍ପେଷିତ, ଅବହେଳିତ, ଅସହାୟ, ନିର୍ଯାତିତ ହେବା ସହ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା ହୋଇଥିଲା। କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ କର୍ମଚାରୀଙ୍କ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକର ଆଲୋଚନା ହୋଇଥିଲା। ଏଥିରେ ଶଶିଭୂଷଣ ଦାଶ, ମହେଶ୍ୱର ମିଶ୍ର ସମ୍ପାଦକ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା, ସଞ୍ଜୟ ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା, କେ.ସୁବାସ ଚନ୍ଦ୍ର ଆଚାରୀ ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।



ବୈଠକରେ ଆଲୋଚନା ଚାଲିଛି।

# କୋରାପୁଟ ଖେଳାଳିଙ୍କୁ ୨୯ ପଦକ

### ରାଜ୍ୟସ୍ତରୀୟ କମ୍ବାଟ ଟାଏକୋଣ୍ଡୋ ପ୍ରତିଯୋଗିତା

କୋରାପୁଟ, ୧୩।୬(ଅମିତାଭ ବେହେରା)

କଟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ କମ୍ବାଟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କୋରାପୁଟ ଜିଲାର ଖେଳାଳିଙ୍କୁ ୨୯ଟି ପଦକ ମିଳିଛି। ଏହି ପ୍ରତିଯୋଗିତାରେ କୋରାପୁଟର ୧୩ ଜଣ ଅଂଶଗ୍ରହଣ କରିଥିବାବେଳେ ୧୩ଟି ସ୍ୱର୍ଣ୍ଣ ପଦକ, ୬ଟି ରୌପ୍ୟ ପଦକ ଏବଂ ୧୦ଟି ବ୍ରୋଞ୍ଜ ପଦକ ପାଇଛନ୍ତି। କୋରାପୁଟ ଜିଲାର ଖେଳାଳିମାନେ ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଥିବାରୁ ବୁଧବାର କୋରାପୁଟ ପ୍ରେସ୍ କ୍ଲବ ପକ୍ଷରୁ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଛି।

ରାଜ୍ୟସ୍ତରୀୟ କମ୍ବାଟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ପ୍ରାୟ ୬୦୦ ଖେଳାଳି ଭାଗନେଇଥିଲେ। ମହାବୀର ଟାଏକୋଣ୍ଡୋ ଅନୁଷ୍ଠାନର କୋଚ ରଞ୍ଜିତ କୁମାର ପାଣିଙ୍କ ନେତୃତ୍ୱରେ କୋରାପୁଟରୁ ୧୩ ଜଣ ପ୍ରତିଯୋଗୀ ଭାଗନେଇ ସଫଳ ପ୍ରଦର୍ଶନ କରିଛନ୍ତି। ଏଥିସହ ସ୍ୱର୍ଣ୍ଣ ପଦକ ହାସଲକରି ଜାତୀୟସ୍ତରରେ ଭାଗନେବା ପାଇଁ ମନୋନୀତ ହୋଇଥିବା ଟିମ୍‌ର କୋଚ୍ ପାଣି ସୂଚନା ଦେଇଛନ୍ତି । ପୂର୍ବରୁ ମଧ୍ୟ ଏହି ଟିମ୍ ତାମିଲନାଡୁ ଯାଇ ସଫଳତା ହାସଲ କରିଥିଲା ବୋଲି ସେ ପ୍ରକାଶ କରିଛନ୍ତି। କୋରାପୁଟ କମ୍ବାଟ ଟାଏକୋଣ୍ଡୋ ଟିମ୍ ଆଗକୁ ମଧ୍ୟ ଜାତୀୟସ୍ତରରେ ଉନ୍ନତ ଖେଳ ପ୍ରଦର୍ଶନକରି କୋରାପୁଟର ଟେକ ରଖିବ ବୋଲି ସେ ଆଶାପୋଷଣ କରିଛନ୍ତି । ଏହି ଅବସରରେ ଅନୁଷ୍ଠାନର ଶରତ କୁମାର ଦଳେଇଙ୍କ ସମେତ କମ୍ବାଟ ଟାଏକୋଣ୍ଡୋ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।


କୋରାପୁଟ ଜିଲାର ପଦକ ବିଜେତା ଖେଳାଳିମାନେ।

## ସଂକ୍ଷେପରେ

### ରଜ ଉପଲକ୍ଷେ ପୋଷାକ, ମିଠା ବାଣ୍ଟିଲେ ଜିଲାପାଳ

ନବରଙ୍ଗପୁର,୧୩।୬ (ସଦାଶିବ ପ୍ରହରାଜ)

ରଜ ଉପଲକ୍ଷେ ନବରଙ୍ଗପୁର ଜିଲାପାଳ ଡ କମଳ ଲୋଚନ ମିଶ୍ର ମାଝିଗୁଡ଼ାସ୍ଥିତ ଉତ୍କଳ ବାଳିକା ଆଶ୍ରମ (ପଣ୍ଡିତ ଦିନ ଦୟାଲ ବାଳିକା ଅନାଥ ଆଶ୍ରମ) ପରିଦର୍ଶନ କରିଥିଲେ। ସେଠାକାର ଅନ୍ତେବାସୀଙ୍କୁ ଜିଲା ଶିଶୁ ଅଧିକାରୀ ସୁରେଶ ପଟ୍ଟନାୟକଙ୍କ ସହ ଜିଲାପାଳ ରଜ ଉପଲକ୍ଷେ ପୋଷାକ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେଠାକାର ଅନ୍ତେବାସୀଙ୍କୁ ରଜ ଉପଲକ୍ଷେ ଶୁଭକାମନା ଜଣାଇଥିଲେ। ଏଥିସହ ୧୦ମ ପାସ କରିଥିବା ସମସ୍ତ ଅନ୍ତେବାସୀ ଛାତ୍ରୀଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଇଥିଲେ। ଯେଉଁମାନେ ଭଲ ପଢୁଛନ୍ତି ସେମାନଙ୍କୁ ବିଜ୍ଞାନ ଏବଂ ଅନ୍ୟ ସମସ୍ତଙ୍କୁ ବୈଷୟିକ ଶିକ୍ଷାରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ। ଯେଉଁ ଛାତ୍ରୀମାନେ ବୈଷୟିକ ଶିକ୍ଷା ରେ ନାମ ଲେଖିବେ ସେମାନଙ୍କୁ ଜିଲା ପ୍ରଶାସନ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥଲେ। ଜିଲାପାଳ ଆଶ୍ରମ ବୁଲିଥିଲେ। ଏଥିସହ ପରିବେଶ, ଅନ୍ତେବାସୀଙ୍କ କକ୍ଷ ପରିଦର୍ଶନ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସେଠାକାର ପରିବେଶରେ ସ୍ୱଚ୍ଛତା ଥିବାରୁ ଜିଲାପାଳ ଖୁସି ବ୍ୟକ୍ତି କରିଥିଲେ।

### ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

#### ପରସ୍ପର ବିରୋଧୀ ମାମଲା ରୁଜୁ

ଆସିକା ୧୩।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ସାହାସପୁର ଗ୍ରାମରେ ବୁଧବାର ରାତିରେ ଏକ ସଂଘବଦ୍ଧ ଆକ୍ରମଣରେ ସେହି ଗ୍ରାମର ସୁରେଶ ଜେନା ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କ ଲୁହାଛଡ଼ରେ ଆହତ ସୁରେଶଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଆକ୍ରମଣ ଘଟଣାକୁ ନେଇ ତାଙ୍କ ବାପା ଯୋଗେନ୍ଦ୍ର ଜେନା ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୬୯/୨୪ ଅନୁଯାୟୀ ସେହି ଗ୍ରାମର ୮ଜଣଙ୍କ ନାମରେ ମାମଲା ରୁଜୁ କରିଛି । ଅପରପକ୍ଷେ ଆକ୍ରମଣକାରୀଙ୍କ ପକ୍ଷରୁ ମଧ୍ୟ ଅନୁରୂପ ଭାବେ ଏକ ଅଭିଯୋଗ ପୋଲିସରେ ଦାଖଲ ହୋଇଛି । ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ନଂ. ୪୭୦/୨୪ରେ ଦୁଇଜଣଙ୍କ ନାମରେ ମାମଲା ରୁଜୁ କାରଯାଇଛି। ତେବେ ଉଭୟ ପକ୍ଷ ପରସ୍ପର ବିରୋଧରେ ମାମଲା ରୁଜୁ କରିଥିଲେ ମଧ୍ୟ ଅଦ୍ୟାବଧି ଏହି ମାମଲାରେ କେହି ଗିରଫ ହୋଇପାରିନଥିବ ଜଣାପଡିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଓ ମାମଲାର ଅଭିଯୁକ୍ତଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟରେ ଶୂନ୍ୟମୃତ୍ୟୁ ଆଭିମୁଖ୍ୟ ନେଇ ଆଲୋଚନା

### ଟେବୁଲଟପ ଏକସରସାଇଜ, ମକଡ୍ରିଲ୍ ନେଇ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୧୩।୬(ସଦାଶିବ ପ୍ରହରାଜ)



ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କିପରି କରାଯାଇ ପାରିବ ସେ ସମ୍ପର୍କରେ ଟେବୁଲ ଟପ ଏକସର ସାଇଜ ଏବଂ ମକ୍ଡ୍ରିଲ ନିମନ୍ତେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଆଗାମୀ ୧୮ରେ ତାରିଖ ପୂର୍ବାହ୍ନରେ ଜିଲାସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ଏବଂ ପୌରାଞ୍ଚଳସ୍ତରରେ ଟେବୁଲ ଟପ ଏକସରସାଇଜ ଏବଂ ୧୯ରେ ଜିଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତ ସହ ସଜାଗ ରହିବା ପାଇଁ ଆଲୋକପାତ କରାଯାଇଛି। କାଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଉପ ଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲା ସମସ୍ତ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ପୌରାଞ୍ଚଳ ନବରଙ୍ଗପୁର ଶଙ୍କର କେରକେଟା, ଡିଇଓ ଛତ୍ରପତି ସାହୁ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ଜିଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲା ଜରୁରୀକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବାତ୍ୟା ଆଶ୍ରୟସ୍ଥଳୀ ସଭାପତି ସମ୍ପାଦକ, ଅଗ୍ନିଶ୍ରମ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୨୦ବର୍ଷରେ ଥରେ ବି ମରାମତି ହୋଇ ନ ଥିବା ଅଭିଯୋଗ

### ମରଣଯନ୍ତା ପାଲଟିଛି ଟିଟିବାଇ-ବନ୍ଦକଣା ରାସ୍ତା

ଡାବୁଗାଁ,୧୩।୬(ପ୍ରଜ୍ଞାରଞ୍ଜନ ପରିଡ଼ା)

ଦୀର୍ଘ ୨୦ବର୍ଷ ପୂର୍ବେ ତିଆରି ହୋଇଥିବା ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳା ଗ୍ରାମ ପଞ୍ଚାୟତ ଅଧୀନ ଟିଟିବାଇ ଓ ବନ୍ଦକଣା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଟିଟିବାଇରୁ ବନ୍ଦକଣା ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତା ଉପରେ ପିଚୁ ସମ୍ପୂର୍ଣ୍ଣ ବାହାରିଯିବା ସହିତ ମେଟାଲ ସବୁ ରାସ୍ତା ସାରା ବିଛେଇହୋଇ ପଡ଼ିଛି ଓ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟିହୋଇ ବାଇକ୍ ଆରୋହୀମାନଙ୍କ ପାଇଁ ବିପଦର କାରଣ ପାଲଟିଛି।

ଗ୍ରାମବାସୀଙ୍କ କହିବା ପ୍ରକାରେ ପ୍ରାୟ ୨୦ ବର୍ଷ ତଳେ ଟିଟିବାଇ- ବନ୍ଦକଣା ରାସ୍ତାଟି ନିର୍ମାଣ ହୋଇଥିଲା। ଏହା ପରଠୁ ଥରେ ମଧ୍ୟ ଏହି ରାସ୍ତାର ମରାମତି କରାଯାଇନାହିଁ। ତେଣୁ ରାସ୍ତାରୁ ପିଚୁ ବାହାରି ପଡ଼ିବା ସହିତ ଆବଡ଼ାଖାବଡ଼ା ହୋଇ ପଡ଼ିରହିଛି। ରାସ୍ତାରେ ମେଟାଲ ଓ ପଥର ସବୁ ମୁଣ୍ଡ ଟେକି ରହିଛି। ଅନେକ ସମୟରେ ବାଇକ ଆରୋହୀମାନେ ଗାଡ଼ିରୁ ଖସି ଆହତ ହେଉଛନ୍ତି। ୨ ଚକିଆ ଯାନ ହେଉ ଅଥବା ୪ଚକିଆ, ରାସ୍ତାରେ ବାରମ୍ବାର ଯିବା ଆସିବା କରି ଗାଡ଼ିର ବିଭିନ୍ନ ଯନ୍ତ୍ରାଂଶ ଖରାପ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁରୁତର ରୋଗୀ ଏବଂ ଗର୍ଭବତୀଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାରେ ବହୁ ଅସୁବିଧା ଦେଖା ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ରାସ୍ତା ମରାମତି କଲେ ଗ୍ରାମବାସୀଙ୍କୁ ଗମନାଗମନ କରିବାକୁ ସୁବିଧା ହୁଅନ୍ତା ବୋଲି ଗ୍ରାମର କମଲୁ ଯାନୀ, ସୋନୁ ଯାନୀ, ଖଗପତି ଯାନୀ, କୁମର ଯାନୀ, ଡମେନ ଯାନୀ, ଭଗବାନ ଯାନୀ, ଦେବ ଯାନୀ, ମହେନ୍ଦ୍ର ପୂଜାରୀ, ଗୁଛୁ କୁମାର, ଦୁଆରୁ ଯାନୀ, ଭଗତ ଯାନୀ, ଚନ୍ଦ୍ର ଯାନୀ, ଧନସିଂ ଯାନୀ, ଦୈତାରୀ ଯାନୀ, ମଙ୍ଗତା ଯାନୀ, ରାମଚନ୍ଦ୍ର ଯାନୀ, ଯଦୁ ଯାନୀ, ହିରଣ ପୂଜାରୀ, ଜଗନ୍ନାଥ ଯାନୀ ପ୍ରମୁଖ ଦାବି କରିଛନ୍ତ।



# ଦୁର୍ନୀତିର ତଦନ୍ତ, କାର୍ଯ୍ୟାନୁଷ୍ଠାନ ନେଇ ବଢ଼ିଲା ଆଶା

ନବରଙ୍ଗପୁର,୧୩।୬ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଗତ ସମୟରେ ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ରହିଛି। ସେତେବେଳେ ଜିଲାର ପ୍ରାୟ ସମସ୍ତ ଲୋକ ପ୍ରତିନିଧି ଗୋଟିଏ ଦଳର ଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯେ କୌଣସି ଦୁର୍ନୀତି ସମ୍ପର୍କରେ ଦିଶା ବୈଠକରେ ଅଭିଯୋଗ କଲେ ତାହାକୁ କେହି ଗୁରୁତ୍ୱ ଦେଉ ନ ଥିଲେ। ନିତ୍ୟାନନ୍ଦ ଗଣ୍ଡ ରାଜ୍ୟ ସରକାରଙ୍କ ନୂତନ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଛନ୍ତି। ଏହାପରେ ଜିଲାରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରାଯିବ ବୋଲି ଲୋକେ ଆଶା ବାନ୍ଧିଥିବା ବୁଦ୍ଧୀଜୀବୀ କହିଛନ୍ତି।

ଜିଲାରେ ୫-ଟିରେ ୨୩୨ ବିଦ୍ୟାଳୟ ରୂପାନ୍ତରିତ ହୋଇଛି। ସେଥିମଧ୍ୟରୁ ୧୭ ବିଦ୍ୟାଳୟ ଉଦ୍‌ଘାଟନ ହୋଇପାରିନାହିଁ। ୩ ଟି ପର୍ଯ୍ୟାୟରେ ୨୧୫ ବିଦ୍ୟାଳୟ ରୂପାନ୍ତରିତ କରାଗଲା। ମୋ ସ୍କୁଲ ଅଭିଯାନରୁ ପ୍ରତି ବିଦ୍ୟାଳୟକୁ ୪୫ ଲକ୍ଷ ଟଙ୍କା, ପଞ୍ଚାୟତରୁ ୧୫ ଲକ୍ଷ ଟଙ୍କା ସମେତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଅନ୍ୟୁନ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିଭଳି ୫୮ ବିଦ୍ୟାଳୟକୁ ମୋ ସ୍କୁଲ ଅଭିଯାନରୁ ପ୍ରତି ବିଦ୍ୟାଳୟକୁ ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପ୍ରଦାନ ଅନୁଦାନରୁ ୫ ପ୍ରତିଶତ ବିଦ୍ୟାଳୟ ତାହାର ବିଦ୍ୟାଳୟ ଓ ଶୈକ୍ଷିକ ସମୃଦ୍ଧି ପାଇଁ ଖର୍ଚ୍ଚ କରିଥିବାବେଳେ ଅନ୍ୟ ଟଙ୍କା ବ୍ଲକ ମାଧମରେ ୫ଟି ରୂପାନ୍ତରିତ କାର୍ଯ୍ୟ ହୋଇଛି। ତେବେ ବିନା ଟେଣ୍ଡରରେ କିଭଳି କାମ ହୋଇଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଉମରକୋଟ ବିଧାୟକ ଏବେ ମନ୍ତ୍ରୀ, ରାଜ୍ୟରେ ଭାଜପା ସରକାର। ଆନ୍ୟାୟ ଦୁର୍ନୀତି ବିରୋଧରେ କଥା ଉଠାଇ ମନ୍ତ୍ରୀ ଗଣ୍ଡ ଏବେ କିଭଳି ପଦକ୍ଷେପ ନେଉଛନ୍ତି ନା ତଦନ୍ତ ନ ହୋଇ ଏହା ଅଟକି ଯିବ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି।

### ବାଇକ୍ ପୋଡି ଘଟଣା, ୨ କୋର୍ଟ ଚାଲାଣ

ଗୋପାଳପୁର,୧୩।୬(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ବାଇକ ପୋଡି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିକୋର୍ଟଚାଲାଣ କରିଛି। ସେମାନେ ହେଲେ ଦୁବପୁଲ୍ଲୀର ଗୋପାଳକୃଷ୍ଣ ମହାପାତ୍ର ଓ ଆମ୍ବପୁରର ବିରଜା ରାଉଳ। ଦୁବପୁଲ୍ଲୀ ଗ୍ରାମର ଦୁର୍ଯ୍ୟୋଧନ ମହାପାତ୍ରଙ୍କ ୨ଟି ବାଇକ ଦୁର୍ବୃତ୍ତମାନେ ପୋଡି ଦେଇଥିଲେ। ଏ ନେଇ ଦୁର୍ଯ୍ୟୋଧନ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ.୨୫୨/୨୪ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଚିହ୍ନଟ ପରେ ଗୁରୁବାର ପୋଲିସ ଦୁବପୁଲ୍ଲୀର ଗୋପାଳକୃଷ୍ଣ ଓ ଆମ୍ବପୁର ଅଞ୍ଚଳ ବିରାଜକୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରାଉଚରା ପରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଇକ ପୋଡିଥିବା ସେମାନେ ସ୍ୱୀକାର କରିଥିଲେ।

### ପାଣି ମିଟର ଚୋରି ମାମଲା, ଯୁବକ ଗିରଫ

ବ୍ରହ୍ମପୁର,୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ଲୋକଙ୍କ ଘରେ ଲାଗିଥିବା ପାଣି ପାଇପ ଲାଇନରୁ ମିଟର ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ବଡବଜାର ଥାନା ପୋଲିସ ଗିରଫ କରିଛି । ସେ ହେଲେ ଶେଖ. ଆସିଫ(୨୨) । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ପ୍ରତ୍ୟେକ ସାହିରେ ଲୋକଙ୍କ ଘରକୁ ପାଣି ପାଇପ ବିଛାଯିବା ଯିବା ସହ ମିଟର ଲଗାଯାଇଛି । ଗତବର୍ଷ ଜାନୁୟାରୀ ୩ ତାରିଖ ରାତିରେ ପୁରୁଣା ବ୍ରହ୍ମପୁର ନରସିଂହ ନଗର ସାହିର ପ୍ରାୟ ୧୫ ଲୋକଙ୍କ ଘରର ପାଣି ମିଟର ଚୋରି ହୋଇଯାଇଥିଲା । କୌଣସି ଦୁର୍ବୃତ୍ତ ରାତିରେ ପାଣି ମିଟର ଚୋରି ଯାଇଥିବା ସମ୍ପର୍କରେ ସାହିର ଅମୀୟ କୁମାର ସାହୁ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଆଧାର କରି ଥାନାରେ ନଂ.୪/୨୩ରେ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଉକ୍ତ ମାମଲାର ତଦନ୍ତ ଜାରି ରଖିଥିଲା । ବୁଧବାର ଅଭିଯୁକ୍ତ ଆସିଫକୁ ଗିରଫ କରିଥିବା ବେଳେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଛି।

# ରାଇଘରରେ ସିବିଆଇ ଯାଞ୍ଚ

### ଜାଲ ସାର୍ଟିଫିକେଟ ଦେଇ ଡାକ ବିଭାଗରେ ଚାକିରି ମାମଲା

ରାଇଘର, ୧୩।୬ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍‌ସଦରରେ ସିବିଆଇ ତଦନ୍ତ କରିଛି। ରାଇଘର ସ୍ଥିତ ଡିଏନ୍‌କେର ଗୋପାଳକୃଷ୍ଣ ପଟ୍ଟନାୟକ ୨୦୨୩ରେ ପୋଷ୍ଟାଲ ବିଭାଗରେ ଚାକିରି ପାଇଁ ଆବେଦନ କରିଥିଲେ। ୧୦ମ ଶ୍ରେଣୀ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ସେ ସମୟରେ ପୋଲିସ ଗୋପାଳଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେହି ଘଟଣାକୁ କେନ୍ଦ୍ରକରି ଗୁରୁବାର ସିବିଆଇର ଏକ ୫ ଜଣିଆ ଟିମ୍ ତାଙ୍କ ଘରେ ପଚରାଉଚରା କରିଥିବା ଜଣାପଡ଼ିଛି।

# ରଥଟଣା ବେଳେ ମୁଖ୍ୟ ରାସ୍ତାରେ ବନ୍ଦ ରହିବ ଦୋକାନ

### ରଥଯାତ୍ରା ପ୍ରସ୍ତୁତି ବୈଠକ

ରାଇଘର, ୧୩।୬ (କିରଣ ପଟ୍ଟନାୟକ)

ଜୁଲାଇ ୭ରେ ହେବାକୁ ଥିବା ରଥଯାତ୍ରା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ରାଇଘର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ବିଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀଙ୍କ ସମେତ ରାଇଘର ବ୍ଲକ୍‌ର ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଚଳିତବର୍ଷ ରଥଯାତ୍ରା ସୁରୁଖୁରୁରେ ପାଳନ କରାଯିବା ନେଇ ଆଲୋଚନା ହୋଇଛି। ରାଇଘର ତହସିଲଦାର ରଥଯାତ୍ରା ଛେରାପହଁରା କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଶୃଙ୍ଖଳିତ ରଥଟଣା ପାଇଁ ପୋଲିସ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହି ସମୟରେ ରାଇଘର ସଦର ମହକୁମା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ, ଦୋକାନ ବଜାର ରହିବ ନାହିଁ ବୋଲି କୁହାଯାଇଛି। ରଥଯାତ୍ରା କମିଟି ତରଫରୁ ଦୁଇଟି କୀର୍ତ୍ତନ ଦଳ ରଥ ସମ୍ମୁଖରେ ସଂକୀର୍ତ୍ତନ କରିବେ। ଭକ୍ତଙ୍କ ପାଇଁ ମାଉସୀମା ମନ୍ଦିରରେ ୯ ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି। ବୈଠକରେ ପୋଲିସ ବିଭାଗରୁ କୌଶିକ ସାହୁ, ବନ ବିଭାଗ, ତହସିଲ, ଅଗ୍ନିଶମ ବିଭାଗର କର୍ମକର୍ତ୍ତା ଯୋଗଦେଇଥିଲେ। ରଥଯାତ୍ରା ଉପଲକ୍ଷେ ଏକ ନୂତନ କମିଟି ଗଠନ କରାଯାଇଥିଲା। ଲମ୍ବୋଦର ମାଝି କମିଟି ସଭାପତି, କିରଣ ପଟ୍ଟନାୟକ ଉପସଭାପତି, କୋଷାଧ୍ୟକ୍ଷ ଦିବାକର ନାୟକ, ସମ୍ପାଦକଭାବେ ଶକ୍ତି ଜେନା ଏବଂ ଅଭିମନ୍ୟୁ ଡାକୁଆଙ୍କୁ ଚୟନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଇଘରର ପିଣ୍ଟୁ ଦେ, ଅନନ୍ତ କୁମାର ବାରିକ, ଗାଉଁଠିଆ କମଲସିଂ ରାଜପୁତ, ମାମନି ଚକ୍ରବର୍ତ୍ତୀ, ଘସନୁ ଗଣ୍ଡ, ବିଲୁସିଂ ରାଜପୁତ, ସହଦେବ ଗଣ୍ଡ, ଶ୍ରୀରାମ ସୁନାନୀ, ରତନ ଗଣ୍ଡ, କୁଆଁରଲାଲ ଗଣ୍ଡ,ଦିବାକର ନାୟକ ପ୍ରମୁଖ ଯୋଗଦେଇଥିଲେ।


ବୈଠକରେ ଆଲୋଚନା ଚାଲିଛି।

# ସହରକୁ ପରିଷ୍କାର, ପଲିଥିନ ମୁକ୍ତ କରିବାକୁ ପ୍ରାଥମିକତା

### କାର୍ଯ୍ୟରେ ଯୋଗଦେଲେ ଉମରକୋଟର ନୂତନ ପୌର ନିର୍ବାହୀ ଅଧିକାରୀ

ଉମରକୋଟ, ୧୩।୬(ସନ୍ତୋଷ ଶତପଥୀ)

ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ନୂତନ ନିର୍ବାହୀ ଅଧିକାରୀ ଭାବେ ବନମାଳୀ ଶତପଥୀ ଯୋଗ ଦେଇଛନ୍ତି। ପୌରାଧ୍ୟକ୍ଷା ରାଧା ଭତ୍ରା, କନିଷ୍ଠ ଯନ୍ତ୍ରୀ ହିଂମାଂଶୁ ଭୂଷଣ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉମରକୋଟ ସହରକୁ ପରିଷ୍କାର ଓ ପଲିଥିନମୁକ୍ତ କରିବାକୁ ପ୍ରାଥମିକତା ଦେବେ ବୋଲି ନୂତନ ନିର୍ବାହୀ ଅଧିକାରୀ କହିଛନ୍ତି।



ସୂଚନାନୁଯାୟୀ, ଏହି ପଦବୀ ଦୀର୍ଘ ୫ ମାସ ଧରି ଖାଲି ପଡ଼ିଥିଲା। ଉମରକୋଟ ବିଡିଓ ଏହାର ଭାରପ୍ରାପ୍ତ ଦାୟିତ୍ୱରେ ଥିଲେ। ଓଡ଼ିଶା ପ୍ରଶାସନିକ ଅଧିକାରୀ ବନମାଳୀ ଶତପଥୀ ଏଥିପୂର୍ବରୁ ପାରଳାଖେମୁଣ୍ଡି ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସେ ମାର୍ଚ୍ଚ ୧୮ରେ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। କିନ୍ତୁ ନିର୍ବାଚନ ଆଚରଣବିଧି ଲାଗିଥିବାରୁ ଜିଲା ପ୍ରଶାସନ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଥିଲେ। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଜୁନ୍ ୭ଯାଏ ବନମାଳୀ ଶତପଥୀ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ନିର୍ବାଚନ ଆଚରଣବିଧି ଉଠିବା ପରେ ସେ ଉମରକୋଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଛନ୍ତି।

# ନବରଙ୍ଗପୁର ଜିଲା କିନ୍ନର ସଂଘ ପୁନର୍ଗଠିତ

ନବରଙ୍ଗପୁର,୧୩।୬ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଗାନ୍ଧୀନଗରସ୍ଥିତ ତପୋବନ ପରିସରରେ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲା କିନ୍ନର ସଂଘ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ କିନ୍ନରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କିନ୍ନର ସଂଘରେ ନୂତନ ଭାବେ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ପ୍ରସ୍ତାବ ସଂଘର ସଭାପତି କାଜଲ କିନ୍ନର ଦେଇଥିବା ବେଳେ ସମ୍ପାଦକ ଚୁମୁକୀ କିନ୍ନର ତାହାକୁ ସମର୍ଥନ ଜଣାଇଥିଲେ।

ସଂଘର କୋଷାଧ୍ୟକ୍ଷ ଭାବେ ବରିଷ୍ଠ ସଦସ୍ୟ ଗୁରୁ କିନ୍ନରଙ୍କୁ ଚୟନ କରାଯାଇଥିଲା। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ସଂଘର ମୁଖ୍ୟ ଉଦେଷ୍ଟା ଓ ଆଇନ ଉପଦେଷ୍ଟା ଭାବେ ବରିଷ୍ଠ ଅଧିବକ୍ତା ରାମପ୍ରସାଦ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ମହିଳା ଉପଦେଷ୍ଟା ଭାବେ ସାମାଜିକ କର୍ମୀ ସୁଷମା ଜୈନ ଏବଂ ଅଧାପିକା ଡ. ସଂଯୁକ୍ତା ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ବରିଷ୍ଠ କ୍ରୀଡ଼ାବିତ୍ ଏମ୍. ବାଲାକ୍ରିଷ୍ଣା ରାଓ ପ୍ରୋଜେକ୍ଟ ଲିଡର, ଅଧାପକ ଅଖିଳ ଭଞ୍ଜଙ୍କୁ ପ୍ରୋଗ୍ରାମ କୋଅର୍ଡିନଟରଭାବେ ଚୟନ କରାଯାଇଛି। ସଭାରେ ସର୍ବସମ୍ମତି କ୍ରମେ ବିଭିନ୍ନ ବ୍ଲକ୍ ଉପଦେଷ୍ଟା ଚୟନ କରାଯାଇଥିଲା। ଉମରକୋଟ ବ୍ଲକ୍ ପାଇଁ ବରିଷ୍ଠ ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ସାମାଜିକ କର୍ମୀ ଇଂ. ଚନ୍ଦନା ମଲ୍ଲିକ, ଝରିଗାଁ ବ୍ଲକ ପାଇଁ ଅଧିବକ୍ତା ସୁବାସ ପଟ୍ଟନାୟକ, ରାଇଘରରେ ସାମାଜିକ କର୍ମୀ ଦେବେନ୍ଦ୍ର ମିଶ୍ର, ଚନ୍ଦାହାଣ୍ଡିରେ ପୁଣ୍ୟ ଶେଖର ପରୀ, ତେନ୍ତୁଳିଖୁଣ୍ଟିରେ ଏଲ୍. ସନ୍ତୋଷ ରାଓ, ନନ୍ଦାହାଣ୍ଡିରେ ଶିବଶଙ୍କର ପାଢ଼ୀ, ଡାବୁଗାଁରେ ଭଗବାନ ମହାନ୍ତି, ପାପଡ଼ାହାଣ୍ଡିରେ ସୁଶାନ୍ତ କୁମାର ବେହେରା, କୋଷାଗୁମୁଡ଼ା ପାଇଁ ଅଧିବକ୍ତା ଅମରେଶ ପାଣିଗ୍ରାହୀ ନବରଙ୍ଗପୁର ବ୍ଲକ ପାଇଁ ଅଧିବକ୍ତା ସିରାଜୁଦିନ ଅହମ୍ମଦ ଏବଂ ସମାଜସେବୀ ଭଦ୍ରାଞ୍ଚଳ ତ୍ରିପାଠୀ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କର୍ଯ୍ୟନିର୍ବାହୀ ସଭ୍ୟ କୃଷ୍ଣ ରଥ, ତୁଷାରକାନ୍ତି ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା, ଅନିତା, ଶ୍ରୁତି, ବଇଦି, କୁନି, ଇପ୍‌ସିତା ଏବଂ ସନା କିନ୍ନର ପ୍ରମୁଖ ବୈଠକରେ ଉପସ୍ଥିତ ରହି ସହଯୋଗ କରିଥିଲେ।


କିନ୍ନର ସଂଘ ସଦସ୍ୟ ଓ ଅନ୍ୟମାନେ।

# କାର୍ଯ୍ୟକାରୀ ହୋଇନି, ଆବଶ୍ୟକ ପଡ଼ିଲାଣି ମରାମତି

### ମେଗା ଜଳ ଯୋଗାଣ ପ୍ରକଳ୍ପ

ତେନ୍ତୁଳିଖୁଣ୍ଟି, ୧୩।୬(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ସମେତ ଅନ୍ୟ ୪ ବ୍ଲକ୍‌କୁ ପାନୀୟ ଜଳ ଯୋଗାଇବା ପାଇଁ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। କିନ୍ତୁ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ ଦୀର୍ଘ ୪ରୁ ୫ବର୍ଷ ବିତିଯାଇଥିଲେ ବି ପ୍ରକଳ୍ପ କାମ ସରିନି କି ଲୋକାର୍ପଣ ହୋଇନାହିଁ। ତଥାପି ଏବେଠାରୁ ମରାମତି ଆରମ୍ଭ ହୋଇ ଗଲାଣି। ପ୍ରକଳ୍ପ ଶେଷ ହେବାର ଅବଧି ସରିଯାଇଥିଲେ ମଧ୍ୟ ଶେଷ ହେବାର ସଙ୍କେତ ମିଳୁନାହିଁ। କୌଣସି ପଞ୍ଚାୟତରେ ଶତ ପ୍ରତିଶତ ଜଳ ଯୋଗାଣ ଆରମ୍ଭ ହୋଇ ନ ଥିବା ସହ ଅଧିକାଂଶ ସ୍ଥାନରେ ଅଧାପନ୍ତରିଆ ହୋଇ ପାଇପ ବିଛାଇବା ପଡ଼ିଛି ତ କେଉଁଠି ପାଇପ ନଷ୍ଟ ହୋଇଗଲାଣି। ଯେଉଁଠି କାମ ଶେଷ ହୋଇ ପାଣି ଯୋଗାଇବା ଆରମ୍ଭ ହୋଇଛି ସେଠାରେ ଭାଲ୍‌ଭ ପଏଣ୍ଟରୁ ପାଣି ଭାସି ରାସ୍ତାଘାଟରେ ଯାତାୟାତରେ ବାଧା ସୃଷ୍ଟି ଅଭିଯୋଗ ହେଉଛି।

ରାଜ୍ୟ ବାହାରର ଏକ ଠିକାଦାର ସଂସ୍ଥା ହାତରେ ୪ ବ୍ଲକ୍ ପାଇଁ ୨ଟି ପ୍ରକଳ୍ପ କାମ ଦିଆଯାଇଛି। ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତି ଦେଖାଯାଉନାହିଁ। ରାସ୍ତାକୁ ଲାଗି ଭାଲ୍‌ଭ ପଏଣ୍ଟ ଓ ଏୟାର ଭାଲ୍‌ଭ ପିଲାର ନିର୍ମିତ ହୋଇଛି। ରାସ୍ତା ଖୋଳି ପାଇପ ବିଛାଯାଇଛି। ବର୍ତ୍ତମାନ ଜଳ ଯୋଗାଣ ଆଂଶିକ ଆରମ୍ଭରେ ଯେତିକି ଥର ପାଇପ ଲିକ୍ ହେବାରୁ ରାସ୍ତା ଖୋଳାଗଲାଣି ଏଭଳି ଲାଗି ରହିଲେ ଭବିଷ୍ୟତରେ ରାସ୍ତାବସ୍ଥା ଚିନ୍ତାର ବିଷୟ। ଆଗକୁ ୨/ ୪ ଥାକିଆ ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ଏଭଳି ବାରମ୍ବାର ରାସ୍ତା ଖୋଳି ଓ ରାସ୍ତା ପାର୍ଶ୍ୱ ଏୟାର ଭାଲ୍‌ଭ ସମସ୍ୟା ସୃଷ୍ଟି କରିବ। ମଞ୍ଚାଗାଁ ପଞ୍ଚାୟତ ପାଇଁ ବିଛାଯାଇଥିବା ପାଇପ ପାଇଲିଂ ନ କରି ଇନ୍ଦ୍ରାବତୀ ବ୍ରିଜ ପାର୍ଶ୍ୱ ଦେଇ ବିଛାଯାଇଛି । ଏଠାରେ ବିଛାଯାଇଥିବା ପାଇପ ବର୍ତ୍ତମାନ ସୁଦ୍ଧା ୨ ଥର ଲିକ୍ ହୋଇ ମରାମତି ହୋଇସାରିଲାଣି। ବ୍ରିଜ୍ ଉପରେ ପାଇପ ବିଛାଯାଇଛି। ବାରମ୍ବାର ପାଇପରୁ ପାଣି ଲିକ୍ ବ୍ରିଜ୍‌ର ଜୀବନ ହ୍ରାସ କରିବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ପରଜାବାରଙ୍ଗପଦର ପଞ୍ଚାୟତର ଗୋଟିଏ ବି ଗ୍ରାମ ବର୍ତ୍ତମାନ ସୁଦ୍ଧା ପାଣି ପାଇ ନାହାନ୍ତି। ଏପରିକି ପ୍ରାୟ ୪ଶହ ହିତାଧିକାରୀଙ୍କୁ ଜଳ ଯୋଗାଇବାକୁ ପାଇପ ବିଛାଯାଇନାହିଁ। ପାଇପ ବିଛାଯାଇ ମୁଖ୍ୟ ରାସ୍ତା ନଷ୍ଟ ହେଉଛି ଏପଟେ ଖାତିଗୁଡ଼ା ପ୍ରକଳ୍ପ କଲୋନି କିଛି ମାସ ହେବ ଉକ୍ରଟ ପାନୀୟ ଜଳ ସମସ୍ୟା ଦେଇ ଗତି କରୁଛନ୍ତି। ମୁଖ୍ୟ ରାସ୍ତା ପାର୍ଶ୍ୱ ଦେଇ କୋଷାଗୁମୁଡ଼ା ପାଇଁ ବିଛାଯାଇଥିବା ପାଇପ୍ ଫାଟି ଇନ୍ଦ୍ରାବତୀ ମୁଖ୍ୟରାସ୍ତା ପାର୍ଶ୍ୱ ଡ୍ରେନ କୃତ୍ରିମ ପୋଖରୀ ସୃଷ୍ଟି କରୁଛି। ଉକ୍ତ କଲୋନିବାସୀଙ୍କୁ ଘରୁ ବାହାରିବା କଷ୍ଟ ହେଉଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କହିଲେ, ଲୋକାର୍ପଣ ପୂର୍ବରୁ ସବୁ ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।


ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଛି।

